# Akashvani, Sambalpur

## SAMBALPURI NEWS EVENING BULLETIN

## 5 February 2026 - 7.02 pm- 7.12 pm.

*********************************************

୧- ଓଡ଼ିଶା ଗସ୍ତର୍ ୪ ନମ୍ବର ଦିନେ ଆଏଜ୍ ଶିମିଳିପାଲ୍ ପରିଦର୍ଶନ୍ କଲେ ରାଷ୍ଟ୍ରପତି ।

-ଆଏବାକାଏଲ୍ ବ୍ଲାକ୍ ସ୍ୱାନ୍ ସମ୍ମିଳନୀଥି ଦେବେ ଯୋଗ୍ ।

୨- ପ୍ରଧାନମନ୍ତ୍ରୀଙ୍କର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ ଆଏବାକାଏଲ୍ ହେବା ପ୍ରସାରିତ୍ ।

୩- ହ୍ୱାଟ୍‌ସ୍‌ଆପ୍ ଜରିଏ ରାଜସ୍ୱ ସେବା 'ଆମ ସାଥୀ' ଚାଟ୍ ବଟ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

-୧୭ଟା ଜିଲ୍ଲା ନ ୫୭ଟା ନୂଆ ଉପ ନିବନ୍ଧନ କାର୍ଯ୍ୟାଳୟ ହେଲା ଉଦ୍‌ଘାଟନ୍ ।

ଆଉର୍

୪- ୭ଟା ଜିଲ୍ଲା ସହେତେ ରାଜ୍ୟର୍ ୨୪ଟା ଜାଗାର୍ ଇଂରାଜୀ ନାଁ ବଦ୍‌ଲାବାର୍‌କେ ନେଇକରି ଲୁକ୍‌କର୍‌ଠାନୁ ମତାମତ୍ ଆହ୍ୱାନ୍ କଲା ରାଜସ୍ୱ ବିଭାଗ୍ ।

ରାଷ୍ଟ୍ରପତି ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର୍ ୪ ନମ୍ବର ଦିନେ ଆଏଜ୍ ସକାଲ୍ବେଲା ମୟୁରଭଞ୍ଜ ଜିଲ୍ଲାର୍ ରାଇରଙ୍ଗପୁର ନ ଡକ୍ୟୁମେଂଟାରୀ ଫିଲ୍ମ ଶୁଟିଂଥି ସାମିଲ୍ ହେଇଥିଲେ । ତାର୍ ଉତ୍ରୁ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ନ ଦର୍ଶନ୍ କରି କରି ଭୋଜ୍ଥି ସାମିଲ୍ ହେଇଥିଲେ । ଉପର୍ବେଲା ରାଷ୍ଟ୍ରପତି ଜିଲ୍ଲାର ଜଶିପୁର ଯାଇକରି ଶିମିଳିପାଲ୍ ଅଭୟାରଣ୍ୟ ନ ବୁଲିଥିଲେ । ରାଷ୍ଟ୍ରପତିଙ୍କର୍ ଗସ୍ତ ଲାଗି ଶିମିଳିପାଲ୍ ଅଭୟାରଣ୍ୟ ସାଧାରଣ ଲୁକ୍କର ଲାଗି ବନ୍ଦ ରଖାଯାଇଛେ । ରାଷ୍ଟ୍ରପତି ଆଏଜ୍ ଶିମିଲପାଲ୍ ନ ରାତ୍ରୀଯାପନ୍ କର୍ବେ । ଆଏବାକାଏଲ୍ ସଖାଲ୍ବେଲା ରାଷ୍ଟ୍ରପତି ଶିମିଳିପାଲ୍ ନ ମହିଲା ଆଉ ଯୁବଗୋଷ୍ଠୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍ବେ । ମଏଧାନେ ଭୁବନେଶ୍ୱର ଚାଲିଥିବା ବ୍ଲାକ୍ ସ୍ୱାନ୍ ସମ୍ମିଳନୀଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ର ୯ ନମ୍ବର୍ ସଂସ୍କରଣ୍ ଆଏବାକାଏଲ୍

ଦୂରଦର୍ଶନ୍, ଆକାଶବାଣୀ ସହେତେ ପ୍ରଧାନମନ୍ତ୍ରୀଙ୍କର ସରକାରୀ ୟୁଟ୍ୟୁବ୍ ଚେନାଲ୍, ଶିକ୍ଷା ମନ୍ତ୍ରଣାଲୟର୍ ୟୁଟ୍ୟୁବ୍ ଚେନାଲ୍‌ଥି ପ୍ରସାରଣ କରାଯିବା । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଗୁଟେ ନୂଆଁ ରୂପ୍‌ଥି ଆସୁଛେ । କାର୍ଯ୍ୟକ୍ରମ୍‌ଥି ଦେଶର୍ ଭିନ୍ ଭିନ୍ ଇଲାକାର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ପ୍ରଧାନମନ୍ତ୍ରୀ ଭିନ୍ ଭିନ୍ ଜାଗା ବୁଲି କରି ସେମାନ୍‌କର ମାର୍ଗଦର୍ଶନ୍ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ସାରା ଦେଶେ ଗୁଟେ ଆନ୍ଦୋଲନ୍‌ଥି ପରିଣତ୍ ହେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚାପମୁକ୍ତ ପରୀକ୍ଷା ପରିବେଶ୍‌କେ ତହଁକଉଛେ । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଲାଗି ପାଖାପାଖି ୭ କୋଟି ପଞ୍ଜିକରଣ୍ ହେଇକରି ଗୁଟେ ଐତିହାସିକ୍ ମାଇଲ୍‌ଖୁଂଟା ଥାପ୍‌ନା ହେଇଛେ ।

ଆମ ସାଥି ଆପ୍-ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ହ୍ୱାଟ୍‌ସ୍‌ଆପ୍ ଜରିଏ ରାଜସ୍ୱ ସେବା 'ଆମ ସାଥୀ' ଚାଟ୍ ବଟ୍‌ର ଶୁଭାରମ୍ଭ କରିଛନ୍ । ୱ୍ୱାଟ୍‌ସ ଆପ୍ ଚାଟ୍‌ବଟ୍‌ଥି ଆଉ ୧୧ଟା ପ୍ରମୁଖ ରାଜସ୍ୱ ସେବାକେ ଭିଲ୍ ଆଏଜ୍ ସାମିଲ୍ କରାଯାଇଛେ । ଆମ ସାଥି

ହ୍ୱାଟ୍‌ସ୍‌ଆପ୍ ନମ୍ବର ୯୪୩୭୨୯୨୦୦୦ ଜରିଏ ରାଜ୍ୟବାସୀ ଏତ୍‌କର ମ୍ୟୁଟେସନ୍ ମାମଲା, ଚାଷ୍ ଜମି କିସମ୍ ବଦ୍‌ଲାବାର୍, ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ବାଗିର୍ ଭିନ୍ ଭିନ୍ ରାଜସ୍ୱ ସେବା ପାଇପାର୍‌ବେ । ଇଥିର୍ ଲାଗି ସେମାନ୍‌କୁ ଆଉ ରାଜସ୍ୱ କାର୍ଯ୍ୟାଳୟକେ ଧାଏଁବାର୍‌କେ ନାଇ ପଡ଼େ । ରାଜସ୍ୱ ପ୍ରଶାସନ ସେବା କ୍ଷେତ୍ରଥି ସଂସ୍କାର୍ ଆନିକରି ଇତାକେ ଆହୁରି ସହଜ୍ ଆଉ ସରଲ୍ କରିଥିବାର୍‌ନୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶଂସା କରିଛନ୍...

(ଭଏସ୍-ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ ରାଜ୍ୟର୍ ୧୭ଟା ଜିଲ୍ଲାର୍ ୫୬ଟା ତହସିଲ୍ ନ ୫୭ଟା ନୂଆ ଉପ ନିବନ୍ଧନ କାର୍ଯ୍ୟାଳୟର୍ ଭିଲ୍ ଉଦ୍‌ଘାଟନ୍ କରିଛନ୍ । ଇତାର୍ ଜରିଏ ଆଏଜ୍‌ଠାନୁ ରାଜ୍ୟର୍ ସବୁ ୩ ଶହ ୧୭ଟା ତହସିଲ୍ ନ ଉପ ନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ୍ ହେଇଛେ । ଇଥି କଟକ୍ ତହସିଲ୍ ଅଧିନ୍‌ଥି ଗୁଟେ ଅତିରିକ୍ତ ଉପ ନିବନ୍ଧନ କାର୍ଯ୍ୟାଳୟ ଭିଲ୍ ରହିଛେ । ଉଦ୍‌ଘାଟନୀ ସମାରୋହଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭିଲ୍ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ ବଜେଟ୍ ପ୍ରସ୍ତୁତି ବୈଠକ୍

ଆଇ.ଆଣ୍ଡ୍.ପି.ଆର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ ନ ଆଏଜ୍ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୦୨୬-୨୭ ବଛର୍ ଲାଗି ରାଜ୍ୟ ବଜେଟ୍ ତିଆର୍ କର୍ବାର୍ ଆଗୋନୁ ଭିନ୍ ଭିନ୍ ଅଂଶୀଦାର୍ ଆଉ ପରାମର୍ଶଦାତାଙ୍କର ସଙ୍ଗେ ଆଲୋଚନା କରିଛନ୍ ।

ବୈଠକ୍ ବାବ୍ଦେ ଆଉ କିଛି ସମିଆ ଉତ୍ରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକେ ସୂଚ୍ନା ଦେବେ ବଲି ଜନାପଡ଼ିଛେ ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଭାରତ-ଆମେରିକା ନୂଆ ବାଣିଜ୍ୟ ଚୁକ୍ତି ଓଡ଼ିଶାର୍ ଲାଗି ବହୁତ୍ ସୁଫଲ୍ ଆନିଦେବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ସାମାଜିକ୍ ଗଣମାଧ୍ୟମ ପୋଷ୍ଟ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟର୍ ସାମୁଦ୍ରିକ୍ ଖାଦ୍ୟ ଅର୍ଥନୀତିକେ ଇଟା ଗତିଶୀଲ୍ କର୍ବା । ସମୁଦ୍ର ଖଣି ଇଲାକାର୍ ମତ୍ସ୍ୟଜୀବୀ ଆଉ ଚାଷୀଙ୍କର କମାନୀ ବଢ଼ାବାର୍ ସଙ୍ଗେ ଓଡ଼ିଶା ନୀଳ ଅର୍ଥନୀତିର୍ ଗୁଟେ ପ୍ରମୁଖ କେନ୍ଦ୍ର ହେବା ବଲି

ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ୍ କରିଛନ୍ । ଇ ଚୁକ୍ତି ଜରିଏ ଓଡ଼ିଶାର୍ ହସ୍ତତନ୍ତ, ହସ୍ତଶିଳ୍ପର କ୍ଷେତ୍ରର୍ ଅନ୍ତର୍ଜାତୀୟ ବଜାର୍ ବଢ଼୍‌ବାର୍ ସଙ୍ଗେ ଓଡ଼ିଶାର୍ ରପ୍ତାନୀକେ ବିଲ୍ ବଲ୍ ମିଲ୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନେସ୍‌ନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ -ମୁଖ୍ୟମନ୍ତ୍ରୀ ସି.ଏମ୍.ଓ

ଅଧ୍ୟୟନ୍ ପରିଦର୍ଶନ୍ କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ଆସିଥିବା ଦିଲ୍ଲୀ ନେସ୍‌ନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ ଅଧିକାରୀମାନେ ଆଏଜ୍ ଭୁବନେଶ୍ୱର ଲୋକ ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ । ଇଥି ଭାରତୀୟ ସଶସ୍ତ୍ର ବାହିନୀର୍ ଅଧିକାରୀମାନ୍‌ଙ୍କର ସଙ୍ଗେ ଆର୍ମେନିଆଁ, ଭୁଟାନ୍, ଶ୍ରୀଲଙ୍କା, ମଙ୍ଗୋଲିଆ ଆଉ ନେପାଲ୍‌ର ସେନା ଅଧିକାରୀମାନେ ଭିଲ୍ ସାମିଲ୍ ଅଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅପରେସନ୍ ସିନ୍ଦୂରର ସଫଲ୍‌ତା ଆଉ ଭାରତୀୟ ସେନା ବାହିନୀର୍ ବୀରତ୍ୱର୍ ପ୍ରଶଂସା କରିଥିଲେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହି.ସ.

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ଲାଗି ଆବେଦନ୍ ସମିଆ ଆଏବା ୧୮ ତାରିଖ୍ ତକ୍ ବଢ଼ାଯାଇଛେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ୱେବ୍‌ସାଇଟ୍ ଜରିଏ ଆବେଦନ୍ କର୍‌ବାର୍‌କେ ଯୋଗ୍ୟ ପ୍ରାର୍ଥୀଙ୍କୁ ପରାମର୍ଶ ଦିଆଯାଇଛେ।

ଇଂରାଜୀ ନାଁ ସଂଶୋଧନ୍ ଭୁବନେଶ୍ୱର

ସମ୍ବାଦଦାତା

ରାଜ୍ୟର୍ ୧୧ଟା ଜିଲ୍ଲାର ୨୪ଟା ଜାଗାର୍ ଇଂରାଜୀ ନାଁ ସଂଶୋଧନ୍ କର୍‌ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଇଛେ। ସେଥିର୍ ଭିତ୍‌ରୁ ୭ଟା ଜିଲ୍ଲାର୍ ନାଁ ସହେତେ ୧୧ଟା ବ୍ଲକ୍ ଆଉ ତହସିଲ୍, ୪ଟା ଉପଖଣ୍ଡ ଆଉ ୨ଟା ପୌରପାଳିକା ରହିଛେ। ଇ ଜାଗାମାନ୍‌କର ଇଂରାଜୀ ନାଁକେ ନେଇକରି ଦ୍ୱନ୍ଦ୍ୱ ହଉଥିବାର୍‌ନୁ ଆଉ ଓଡ଼ିଶା ନାଁର୍ ଅନୁରୂପ୍ ହେଇ ନାଇଁ ଥିବାର୍‌ନୁ ସରକାରଙ୍କର୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ। ରାଜସ୍ୱ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଆଏଜ୍ ଗୁଟେ ବିଜ୍ଞପ୍ତି ବାହାରିଛେ। ଜାଗାର୍ ନାଁ ବଦାଲ୍‌ବାର୍‌କେ ନେଇକରି କେନ୍‌ସି ଭିଲ୍ ଆପତି ଅଭିଯୋଗ୍ ଥିଲେ ୧୫ ଦିନ୍ ଭିତ୍‌ରେ ଦରକାରୀ କାଗଜ୍‌ପତର୍ ସଙ୍ଗେ ଅଭିଯୋଗ୍ ଦାଖଲ୍

କର୍‌ବାର୍‌କେ ବିଜ୍ଞପ୍ତିଥି କୁହାଯାଇଛେ । ନାଁ ବଦିଲ୍‌ବାର୍‌କେ ଥିବା ୭ଟା ଜିଲ୍ଲା ଭିତ୍‌ରେ ଦେବଗଡ଼, ଖୋର୍ଦ୍ଧା, ଅନୁଗୁଳ, ବାଲେଶ୍ୱର, କେନ୍ଦ୍ରାପଡ଼ାା, କେନ୍ଦୁଧର ଆଉ ନୟାଗଡ଼ ରହିଛେ ।

ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ହି.ସ.

ଭାରତ ନେତ୍ର ପଦକ୍ଷେପ୍ ଅଧିନ୍‌ଥି ଭୁବନେଶ୍ୱଠାନେ ଆଏଜ୍‌ଠାନୁ ଦୁଇଦିନିଆ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ମୁଲ୍ ହେଇଛେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ମିଳନୀର୍ ଉଦ୍‌ଘାଟନ୍ କରି କରି କୃତ୍ରିମ ବୁଦ୍ଧିମତା, ଫିନ୍‌ଟେକ୍ ଆଉ ଇନ୍‌ସିୟୋର୍‌ଟେକ୍ କ୍ଷେତ୍ରଥି ଓଡ଼ିଶାକେ ଗୁଟେ କେନ୍ଦ୍ରସ୍ଥଲ୍ କର୍‌ବାର୍ ଲାଗି ଇ ସମ୍ମିଳନୀ ନୂଆ ବାଟ୍ ଦେଖାବା ବଲି କହିଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବାକାଏଲ୍ ସମ୍ମିଳନୀଥି ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ । ଦେଶେ ପହେଲାକରି ହେଉଥିବା ଇ ସମ୍ମିଳନୀଥି ୨୪ଟା ଦେଶର୍ ୧୭ ଶହନୁ ଅଏତ୍‌କା ପ୍ରତିନିଧି ସାମିଲ୍ ହେଇଛନ୍ । ୫ଟା ମହାଦେଶ୍‌ର ପାଖାପାଖି ଶହେ ଝନ୍ ବକ୍ତା ବିଶ୍ୱସ୍ତରର୍ ନଜ୍‌ରିଆ ଆଉ ନୂଆ ସୃଜନ୍ ପଦ୍‌କ୍ଷେପ୍ ବାବ୍‌ଦେ ସମ୍ମିଳନୀଥି କହେବେ । ଦକ୍ଷତା ବିକାଶ ଆଉ ନିଯୁକ୍ତି କ୍ଷେତ୍ରର୍ ଆଉ ଯୁଆନ୍ ପିଢ଼ିଙ୍କର୍ ବୃତିଗତ୍ କ୍ଷେତ୍ରକେ

ପ୍ରାଥମିକ୍ତା ଦେବାର୍ ଲାଗି ଇ ଅବ୍ସରେ ଗୁଟେ ନିଯୁକ୍ତି ମେଲାର୍ ଆୟୋଜନ୍ କରାଯାଇଛେ ।

ଭାରତୀୟ ମଜଦୁର ସଂଘ ସମ୍ମିଳନୀ      ପୁରୀ ସମ୍ବାଦଦାତା

ଭାରତୀୟ ମଜଦୁର ସଂଘର୍ ୨୧ ନମ୍ବର ଅଖିଳ ଭାରତୀୟ ସମ୍ମିଳନୀ ପୁରୀ ନ ଆଏବାକାଏଲ୍ଠାନୁ ମୁଲ୍ ହେବା । ଉଦ୍ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶ୍ରମ ଆଉ ନିଯୁକ୍ତି ମନ୍ତ୍ରୀ ମନ୍ସୁଖ୍ ମାଣ୍ଡବ୍ୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଜାତୀୟ ମହିଳା ଆୟୋଗ୍ର ଅଧ୍ୟକ୍ଷା ବିଜୟା ରାହତ୍କର ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ତିନ୍ଦିନିଆ ସମ୍ମିଳନୀଥି ଦେଶର୍ ୨୮ଟା ରାଜ୍ୟ, ୪ଟା କେନ୍ଦ୍ରଶାସିତ୍ ଅଂଚଲ, ୪୨ଟା ଶିଳ୍ପ ଫେଡେରେସନ୍ର ପ୍ରତିନିଧି ଯୋଗ୍ ଦେବେ । ଇତାର୍ ସହେତେ ବ୍ରାଜିଲ୍, ମରିସସ୍, ଇଟାଲୀ, ତୁର୍କୀ, ନେପାଲର ୩୮ ଝନ୍ ପ୍ରତିନିଧି ଭିଲ୍ ସାମିଲ୍ ହେବେ ।

ପାଟଣେଶ୍ୱରୀ କଲେଜ-ଉପମୁଖ୍ୟମନ୍ତ୍ରୀ   ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପାଟଣେଶ୍ୱରୀ ଡିଗ୍ରୀ ମହିଲା ମହାବିଦ୍ୟାଲୟର୍ ବାର୍ଷିକ ଉତ୍ସବ୍ ଆଏଜ୍ ହେଇଯାଇଛେ । ଉତ୍ସବ୍ଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ବିକଶିତ ଓଡ଼ିଶା ଆଉ ବିକଶିତ ଭାରତ ଗଠନ୍ ଦିଗେ ଛାତ୍ରଛାତ୍ରୀମାନ୍କର ପ୍ରମୁଖ୍ ଭୂମିକା ରହିଛେ ବଲି କହିଛନ୍ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ମହାବିଦ୍ୟାଲୟର୍ ଗୁଟେ ନୂଆ କୁଠା ଭିଲ୍ ଉଦ୍ଘାଟନ୍ କରିଛନ୍ ।

ଖଡ଼ିଆଲ ମହୋତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲଠାନେ ଚାଲିଥିବା ଖଡ଼ିଆଲ୍ ମହୋତ୍ସବର୍ ଦୁଇ ନମ୍ବର୍ ଦିନେ ଆଏଜ୍ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଛନ୍ । ମହୋତ୍ସବଥି ଆଏଜ୍ ଭିଲ୍ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତର୍ଫୁ ଲୋକ କଳାର୍ ପ୍ରଦର୍ଶନ୍ କରାଯାଉଛେ ।

ସମ୍ପୂର୍ଣ୍ଣତା ଅଭିଯାନ୍ ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ୍ ଦାଶ୍ ଆଏଜ୍ ନୀତି ଆୟୋଗ୍‌ର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଆଉ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ୍ ଅଧିନ୍‌ଥି ସମ୍ପୂର୍ଣ୍ଣତା ଅଭିଯାନ୍ ୨ ନମ୍ବର ଖେପ୍ ଶୁଭାରମ୍ଭ କରିଛନ୍ । ପର୍‌ସାଗୁଡ଼ାଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଅଧିକାରୀ ଆଉ ଜନପ୍ରତିନିଧିମାନେ ଯୋଗ୍ ଦେଇକରି ଅଭିଯାନ୍‌ର ଉଦ୍ଦେଶ୍ୟ ଆଉ ଜିଲ୍ଲାର୍ ସଫଲ୍‌ତା ବାବ୍‌ଦେ କହିଥିଲେ । ଇ ଅବ୍‌ସରେ ସମ୍ପୂର୍ଣ୍ଣତା ଅଭିଯାନ୍ ୨ନମ୍ବର୍ ଖେପ୍ ଉପ୍‌ରେ ତିଆର୍ ହେଇଥିବା ଗୁଟେ ବହି ଭିଲ୍ ଉନ୍ମୋଚନ୍ କରାଯାଇଥିଲା ।

ବିପର୍ଯ୍ୟୟ ହ୍ରାସ କର୍ମଶାଳା            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ବିପର୍ଯ୍ୟୟ ବିପଦ୍ କମ୍ କର୍‌ବାର୍ ଦିଗେ ଲିଙ୍ଗଗତ ଆଉ ଅନ୍ତର୍ଭୁକ୍ତି ରକ୍ଷଣାବେକ୍ଷଣ ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କର ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ଜିଲ୍ଲାସ୍ତରୀୟ ଅଧିକାରୀ ଆଉ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ ।

ପିଏମ୍‌ଶ୍ରୀ ଉତ୍ସବ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧଠାନେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କର ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍‌ଥି ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଜିଲ୍ଲାର୍ ଭିନ୍ ଭିନ୍ ପିଏମ୍‌ଶ୍ରୀ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ନିଜର୍ ନିଜର୍ କୃତିତ୍ୱ ପ୍ରଦର୍ଶନ୍ କରିଥିଲେ ।

ଫାଇଲେରିଆ ନିରାକକରଣ ଅଭିଯାନ୍

ଆଇ.ଆଣ୍ଡ୍.ପି.ଆର

ରାଏଜେ ଆଏବାକାଏଲ୍‌ଠାନୁ ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ ଅଭିଯାନ୍ ମୁଲ୍ ହେବା । ଭୁବନେଶ୍ୱର ଠାନେ ଥିବା ସ୍ୱାସ୍ଥ୍ୟ ବିଭାଗର୍ ଯୁଗ୍ମ ନିର୍ଦ୍ଦେଶାଳୟର୍ ସମ୍ମିଳନୀ କକ୍ଷ ନ ଆଏବାକାଏଲ୍ ଦିନର୍ ୧୨ ବଜେ ଅଭିଯାନ୍‌ର ଶୁଭାରମ୍ଭ କରାଯିବା । ଅଭିଯାନ୍‌ଥି ରାଏଜେ ଫାଇଲେରିଆ ନିରାକରଣ ଲାଗିସାମୁହିକ୍ ଉଷୋ ଖୁଆଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍ଭାଗୀ ଜାଗାନ ଶୀତ୍ର ପ୍ରଭାବ୍ କମିଛେ । ଆଏବା ୩-୪ ଦିନ୍ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍ରୁ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀ ତକ୍ କମ୍ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।

ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦରଗଡ଼୍, କଳାହାଣ୍ଡି ସହେତେ ୧୦ଟା ଜିଲ୍ଲା ନ ହାଲ୍କାନୁ ମଧ୍ୟମ ଧରଣର କୁହୁଡ଼ି ହେବା ବଲି କେନ୍ଦ୍ର ତର୍ଫୁ କୁହାଯାଇଛେ ।